# NATIONAL NEWS BULLETIN (ODIA)

## 13 August - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଏକ ଅନିଶ୍ଚିତ ବୈଶ୍ୱିକ ପରିବେଶ ମଧ୍ୟରେ ଭାରତ-ସିଙ୍ଗାପୁର ସମନ୍ୱିତ ରଣନୈତିକ ଭାଗିଦାରୀ ସଶକ୍ତ ରହିଛି; କହିଲେ ରାଷ୍ଟ୍ରପତି
- ଭାରତ-ସିଙ୍ଗାପୁର ମନ୍ତ୍ରୀସ୍ତରୀୟ ତୃତୀୟ ରାଉଣ୍ଡ-ଟେବୁଲ  ବୈଠକ ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ
- ଭାରତ ୨୦୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡା ପ୍ରତିଯୋଗିତା ଆୟୋଜନ କରିବା ସମ୍ପର୍କିତ ପ୍ରସ୍ତାବକୁ  ଭାରତୀୟ ଅଲିମ୍ପିକ୍ସ ସଂଘର ଅନୁମୋଦନ
- ଆସନ୍ତା ସ୍ୱାଧୀନତା ଦିବସ ଜାତୀୟସ୍ତରୀୟ ମୁଖ୍ୟ ସମାରୋହରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବାକୁ ଥିବା ୨୧୦ ଜଣ ପଂଚାୟତ୍ ପ୍ରତିନିଧିଙ୍କୁ ଆସନ୍ତାକାଲି ନୂଆଦିଲ୍ଲୀରେ ଦିଆଯିବ ସମ୍ବର୍ଦ୍ଧନା

ଏବଂ

- ରାଜସ୍ଥାନ ସଡକ ଦୁର୍ଘଟଣାରେ ଶୋକ ବ୍ୟକ୍ତ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

# ରାଷ୍ଟ୍ରପତି-ସିଙ୍ଗାପୁର

ଏକ ଅନିଶ୍ଚିତ ବୈଶ୍ୱିକ ପରିବେଶ ମଧ୍ୟରେ ଭାରତ-ସିଙ୍ଗାପୁର ସମନ୍ୱିତ ରଣନୈତିକ ଭାଗିଦାରୀ ସଶକ୍ତ ରହିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି। ସିଙ୍ଗାପୁରର ଉପପ୍ରଧାନମନ୍ତ୍ରୀ ତଥା ବ୍ୟବସାୟ ଓ ବାଣିଜ୍ୟମନ୍ତ୍ରୀ ଗାନ୍ କିମ୍ ୟଙ୍ଗ୍‌ଙ୍କ ନେତୃତ୍ୱରେ ଏକ ମନ୍ତ୍ରୀସ୍ତରୀୟ ପ୍ରତିନିଧି ଦଳଙ୍କ ସହ ସାକ୍ଷାତ ଆଲୋଚନା ସମୟରେ ରାଷ୍ଟ୍ରପତି ଏହା କହିଛନ୍ତି। ରାଷ୍ଟ୍ରପତି ଭବନ ଠାରେ ଏହି ପ୍ରତିନିଧି ଦଳଙ୍କୁ ସ୍ୱାଗତ କରି ଶ୍ରୀମତୀ ମୁର୍ମୁ ଚଳିତବର୍ଷ ଭାରତ-ସିଙ୍ଗାପୁର ଦ୍ୱିପକ୍ଷୀୟ ସମ୍ପର୍କର ୬୦ତମ ବାର୍ଷିକୀ ପୂର୍ତ୍ତି ଅବସରରେ ରାଷ୍ଟ୍ରପତି ଥାରମନ୍ ସାନ୍ ମୁଗାରତ୍ନମ୍‌ଙ୍କ ଭାରତ ଆଗମନ ସମ୍ପର୍କରେ ଅବତାରଣା କରିଛନ୍ତି। ସେ କହିଛନ୍ତି, ସର୍ବୋଚ୍ଚ ସ୍ତରରେ ନିୟମିତ ଭାବେ ସାକ୍ଷାତ ଆଲୋଚନା ହେବା ଦ୍ୱାରା ଦୁଇ ଦେଶ ମଧ୍ୟରେ ବହୁବିଧ ସମ୍ପର୍କ ଅଧିକ ସଶକ୍ତ ହୋଇପାରିବ। ଏଣିକି ଦକ୍ଷତା ବିକାଶ, ସବୁଜ ଅର୍ଥନୀତି ଓ ଫିନ୍‌ଟେକ୍ ଭଳି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ

ଭାଗିଦାରୀକୁ ଅଧିକ ସମ୍ପ୍ରସାରିତ କରିବା ନିଷ୍ପତ୍ତିକୁ ଶ୍ରୀମତୀ ମୁର୍ମୁ ପ୍ରଶଂସା କରିଛନ୍ତି। ପହଲଗାମ୍ ସନ୍ତ୍ରାସବାଦ ଆକ୍ରମଣ ପରିପ୍ରେକ୍ଷୀରେ ଭାରତର କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରିଥିବାରୁ ରାଷ୍ଟ୍ରପତି ସିଙ୍ଗାପୁର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଅମୃତ ଉଦ୍ୟାନ-ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ରାଷ୍ଟ୍ରପତି ଭବନଠାରେ ଅମୃତ ଉଦ୍ୟାନର ଗ୍ରୀଷ୍ମକାଳୀନ ବାର୍ଷିକୀ ଉତ୍ସବକୁ ଉଦ୍‌ଘାଟନ କରିବେ। ଏହା ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।  ଜନସାଧାରଣ ଆସନ୍ତା ଶନିବାରଠାରୁ ଦିନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହାକୁ ଦେଖିପାରିବେ। ଆସନ୍ତା ୨୯ ତାରିଖଦିନ ଜାତୀୟ କ୍ରୀଡା ଦିବସ ଅବସରରେ କ୍ରୀଡାବିତ୍‌ମାନଙ୍କୁ ଅମୃତ ଉଦ୍ୟାନ ପ୍ରବେଶ ଲାଗି ସ୍ୱତନ୍ତ୍ର ଅନୁମତି ପ୍ରଦାନ କରାଯାଉଥିବାବେଳେ ଆସନ୍ତାମାସ ୫ ତାରିଖ ଦିନ ଗୁରୁଦିବସ ଅବସରରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ଲାଗି ମଧ୍ୟ ଅନୁରୂପ ସୁବିଧା ଉପଲବ୍ଧ ହେବ। ଏହି ଅବସରରେ ବାଲ୍‌ବାଟିକା, ଔଷଧୀୟ

ବଗିଚା, କେନ୍ଦ୍ରୀୟ ଲନ୍ ଭଳି କେତେକ ସ୍ୱତନ୍ତ୍ର ସ୍ଥାନ ପରିଦର୍ଶନ କରାଯାଇପାରିବ। ଅମୃତ ଉଦ୍ୟାନକୁ ପ୍ରବେଶ ଲାଗି କୌଣସି ଦେୟ ପଡିବ ନାହିଁ। ତେବେ, ସଂରକ୍ଷଣ କାର୍ଯ୍ୟ ଲାଗି ଏହି ଉଦ୍ୟାନ ସମସ୍ତ ସୋମବାର ବନ୍ଦ ରହିବ ବୋଲି ଜଣାପଡିଛି।

## ଭାରତ-ସିଙ୍ଗାପୁର ରାଉଣ୍ଡଟେବୁଲ ବୈଠକ

ଭାରତ-ସିଙ୍ଗାପୁର ମନ୍ତ୍ରୀସ୍ତରୀୟ ତୃତୀୟ ରାଉଣ୍ଡ-ଟେବୁଲ ବୈଠକ ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର, ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିଉସ ଗୋଏଲ ଏବଂ ରେଳବାଇ ଓ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମିଲ ହୋଇଥିଲେ। ସିଂଗାପୁର ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ଉପପ୍ରଧାନମନ୍ତ୍ରୀ ତଥା ବାଣିଜ୍ୟ ଶିଳ୍ପମନ୍ତ୍ରୀ ଗାନ୍ କିମ୍ ୟଙ୍ଗ୍।

ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଜୟଶଙ୍କର ଭାରତ-ସିଙ୍ଗାପୁର ସମନ୍ୱିତ ରଣନୈତିକ ଭାଗିଦାରୀକୁ ସଶକ୍ତ କରିବା ଦିଗରେ ନିଜର ପ୍ରତିବଦ୍ଧତା ଲାଗି ସିଙ୍ଗାପୁର ପ୍ରତିନିଧି ଦଳକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ଦ୍ୱିପକ୍ଷୀୟ ବାଣିଜ୍ୟିକ ରାଉଣ୍ଡ-ଟେବୁଲ

ବୈଠକରେ ବହୁ ଫଳପ୍ରଦ ଆଲୋଚନା କରାଯାଇଛି। ଦୁଇ ଦେଶର ସରକାର ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ଉତ୍ତମ ସମନ୍ୱୟ ମାଧ୍ୟମରେ ହିଁ ଭାରତ-ସିଂଗାପୁର ସମ୍ପର୍କର ପରବର୍ତ୍ତୀ ପର୍ଯ୍ୟାୟକୁ ପଥ ଉନ୍ମୁକ୍ତ ହୋଇପାରିବ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି।

ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ କରାଯାଇଥିବା ପୋଷ୍ଟରେ କୁହାଯାଇଛି ଏହି ବୈଠକ ଅବସରରେ ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ଭାଗୀଦାରି ଅଧିକ ସଶକ୍ତ ହୋଇପାରିଛି। ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସିଂଗାପୁର ଗସ୍ତ ଅବସରରେ ଦ୍ୱିପକ୍ଷୀୟ ସମ୍ପର୍କକୁ ଏକ ସମନ୍ୱିତ ରଣନୈତିକ ଭାଗିଦାରୀରେ ପରିଣତ କରାଯାଇପାରିଛି ବୋଲି ଉଭୟ ପକ୍ଷର ନେତୃବୃନ୍ଦ ସହମତ ହୋଇଛନ୍ତି। ଡିଜିଟାଲାଇଜେସନ, ଦକ୍ଷତା ବିକାଶ, ନିରନ୍ତରତା, ସ୍ୱାସ୍ଥ୍ୟସେବା ଓ ଔଷଧ, ଆଧୁନିକ ଉତ୍ପାଦନ ଓ ସଂଯୋଗୀକରଣ ଭଳି ୬ଟି ପୂର୍ବ ଚିହ୍ନିତ ପ୍ରସଙ୍ଗ ଉପରେ ଅଧିକ ଧ୍ୟାନ ଦେଇ କାର୍ଯ୍ୟ କରିବାକୁ ଉଭୟ ଦେଶ ସମ୍ମତି ପ୍ରଦାନ କରିଛନ୍ତି। ଭାରତ-ସିଂଗାପୁର ସହଯୋଗ ଦିଗରେ

ନୂତନ କାର୍ଯ୍ୟଖସଡା ଧାର୍ଯ୍ୟ କରିବାରେ ଏହି ମନ୍ତ୍ରୀସ୍ତରୀୟ ରାଉଣ୍ଡ-ଟେବୁଲ ବୈଠକ ହେଉଛି ଏକ ଅନନ୍ୟ ବ୍ୟବସ୍ଥା ।

## ରାଜ୍ୟଗୋଷ୍ଠୀ କ୍ରୀଡା

୨୦୩୦ ମସିହାରେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡା ପ୍ରତିଯୋଗିତା ଆୟୋଜନ କରିବା ସମ୍ପର୍କିତ ପ୍ରସ୍ତାବକୁ  ଭାରତୀୟ ଅଲିମ୍ପିକ୍ସ ସଂଘ-ଆଇ.ଓ.ଏ. ଅନୁମୋଦନ କରିଛି । ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଆଇ.ଓ.ଏ.ର ସ୍ୱତନ୍ତ୍ର ସାଧାରଣ ଅଧିବେଶନରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି । ଆସନ୍ତା ୩୧ ତାରିଖ ମଧ୍ୟରେ ଭାରତ ଅନ୍ତିମ ବିଡ୍ ଲାଗି ପ୍ରସ୍ତାବ ଦାଖଲ କରିବ । ୨୦୩୦ ମସିହାରେ ରାଜ୍ୟଗୋଷ୍ଠୀ କ୍ରୀଡା ପ୍ରତିଯୋଗିତା ଆୟୋଜନର ୨୦ ବର୍ଷ ପୂର୍ତ୍ତି ହେଉଛି ।

## ପଞ୍ଚାୟତ ଲିଡର୍ସ-ଇଣ୍ଡିପେଣ୍ଡେଣ୍ଟ୍ସ ଡେ

ଆସନ୍ତା ସ୍ୱାଧୀନତା ଦିବସ ଅବସରରେ ନୂଆଦିଲ୍ଲୀଠାରେ ହେବାକୁ ଥିବା ମୁଖ୍ୟ ସମାରୋହରେ ୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୧୦ ପଞ୍ଚାୟତ ପ୍ରତିନିଧି ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବେ । ଆସନ୍ତାକାଲି ନୂଆଦିଲ୍ଲୀଠାରେ ସେମାନଙ୍କର ଆନୁଷ୍ଠାନିକ ସମ୍ବର୍ଦ୍ଧନାର ଆୟୋଜନ

କରାଯାଇଛି । ଚଳିତବର୍ଷ ଏହି କାର୍ଯ୍ୟକ୍ରମର ବାର୍ତ୍ତା ରହିଛି 'ଆତ୍ମନିର୍ଭର ପଂଚାୟତ୍- ବିକ୍‌ଶିତ୍ ଭାରତ୍ କୀ ପହଚାନ୍'। ଗ୍ରାମପଂଚାୟତରେ ଉନ୍ନତ ଭିତ୍ତିଭୂମି, ସେବା ଏବଂ ସାମୂହିକ ପଦକ୍ଷେପ ଗ୍ରହଣ କରି ଏହି ଅତିଥିମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେମାନଙ୍କ ମଧ୍ୟରେ ବହୁସଂଖ୍ୟକ ମହିଳା ପଂଚାୟତ୍ ପ୍ରତିନିଧି ମଧ୍ୟ ସାମିଲ ଥିବା ଜଣାଯାଇଛି।

## ଇଣ୍ଡିପେଣ୍ଡେଣ୍ଟ୍‌ସ୍ ଡେ

ଦେଶବ୍ୟାପୀ ଆସନ୍ତା ଶୁକ୍ରବାର ଦିନ ଅଣାଅଶୀତମ ସ୍ୱାଧୀନତା ଦିବସ ପାଳନ ଲାଗି ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ-ଉଦ୍ଦୀପନା ପରିଲକ୍ଷିତ ହେଉଛି। ଦେଶମାତୃକା ପ୍ରତି ନିଜର ସମ୍ମାନ ତଥା ଶ୍ରଦ୍ଧା ସ୍ୱରୂପ ଦେଶବ୍ୟାପୀ 'ହର ଘର ତିରଙ୍ଗା' ଅଭିଯାନରେ ସବୁ ବର୍ଗର ଲୋକେ ସାମିଲ ହେଉଛନ୍ତି।

ଏ ସମ୍ପର୍କରେ ଏକ ରିପୋର୍ଟ.....

ତ୍ରିପୁରାର ରାଜଧାନୀ ଅଗରତାଲାଠାରେ ଆଜି କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ଉତ୍ତରପୂର୍ବ ଆଂଚଳିକ ଲଳିତକଳା ଏକାଡେମୀ ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ତ୍ରିପୁରା ଏବଂ ଉତ୍ତର ପୂର୍ବାଂଚଳର ୪୫ ଜଣ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କର ଛୋଟ ପ୍ରତିମୂର୍ତ୍ତି ମଧ୍ୟ ସ୍ଥାନ ପାଇଥିଲା।

ଜମ୍ମୁ-କଶ୍ମୀରରେ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ଆଜି ସମ୍ପୂର୍ଣ୍ଣ ପୋଷାକରେ ଅଭ୍ୟାସ କରାଯାଇଥିଲା। ଆମର ଜମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ଶ୍ରୀନଗରର ବକ୍ସି ଷ୍ଟାଡିୟମ୍ ଏବଂ ଜମ୍ମୁର ମୌଲାନା ଆଜାଦ୍ ଷ୍ଟାଡିୟମ୍‌ଠାରେ ଏହି ପ୍ରସ୍ତୁତି ଅଭ୍ୟାସ କରାଯାଇଥିଲା। ଏହି ପରେଡ୍‌ରେ ପୁଲିସ୍, ଅର୍ଦ୍ଧସାମରିକ ବାହିନୀ, ଏନ୍‌ସିସି ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜମ୍ମୁ-କଶ୍ମୀରର ବିବିଧତା ପ୍ରତିଫଳିତ ହୋଇଛି।

କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଆଜି କଠୁଆଠାରେ ଏକ ତ୍ରିରଙ୍ଗା ଯାତ୍ରାର ନେତୃତ୍ୱ ନେଇ ସ୍ୱାଧୀନତା ସଂଗ୍ରାମୀ ଭଗତ୍ ସିଂ, ରାଜଗୁରୁ ଓ ସୁଖଦେବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଆଜି ଏହି ଅଭିଯାନରେ ସାମିଲ ହୋଇ ନୂଆଦିଲ୍ଲୀସ୍ଥିତ ତାଙ୍କ ସରକାରୀ ବାସଭବନରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି।

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ 'ହର ଘର ତିରଙ୍ଗା' ଅଭିଯାନରେ ସାମିଲ ହୋଇ ଝାଡ଼ଖଣ୍ଡର କୋଡେର୍ମା ଜିଲ୍ଲା ଅନ୍ତର୍ଗତ ତାଙ୍କର ବାସଭବନରେ ଆଜି ଜାତୀୟ ପତାକା ଉତ୍ତୋଳନ କରିଛନ୍ତି।

ଆଗାମୀ ସ୍ୱାଧୀନତା ଦିବସ ଅବସରରେ ନିଜ ଘରେ, କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ସମ୍ମାନ ଓ ଗର୍ବର ସହ ଜାତୀୟ ପତାକା ଉତ୍ତୋଳନ କରିବା ଲାଗି କେନ୍ଦ୍ରମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଦିଲ୍ଲୀର ମନ୍ତ୍ରୀ ଆଶୀଷ ସୁଧ ଏବଂ ବିଜେପି ସାଂସଦ କମଲଜିତ୍ ସେରାଓ୍ୱତ୍ ଆଜି ଦିଲ୍ଲୀର ଦକ୍ଷିଣ-ପଶ୍ଚିମ ଜିଲ୍ଲାରେ  ଏକ ତ୍ରିରଙ୍ଗା ଯାତ୍ରାର ନେତୃତ୍ୱ ନେଇଛନ୍ତି । ଏଥିରେ ୮ ହଜାରରୁ ଅଧିକ ଲୋକ ସାମିଲ ହୋଇଥିଲେ ।

ଆସନ୍ତା ୧୫ ତାରିଖ ଦିନ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀସ୍ଥିତ ଐତିହାସିକ ଲାଲକିଲ୍ଲାଠାରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ । ଏଥିଲାଗି ଦିଲ୍ଲୀ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ଜିତେନ୍ଦ୍ର କୁମାର ନାୟକ

## ରାଜସ୍ଥାନ ଆକ୍ସିଡେଣ୍ଟସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜସ୍ଥାନର ଦୌସା ଜିଲ୍ଲାରେ ସଡକ ଦୁର୍ଘଟଣାରେ ୧୦ ଜଣଙ୍କର ପ୍ରାଣହାନୀ ହୋଇଥିବାରୁ  ଶୋକ ବ୍ୟକ୍ତ

କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀମତୀ ମୁର୍ମୁ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଏତଦ୍‌ବ୍ୟତୀତ ରାଷ୍ଟ୍ରପତି ଆହତମାନଙ୍କର  ଆଶୁଆରୋଗ୍ୟ କାମନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ଶ୍ରୀ ମୋଦୀ ମୃତକଙ୍କ ପରିବାରବର୍ଗଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତାରାଶି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିବା ସହିତ ସେମାନଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଘୋଷଣା କରିଛନ୍ତି।

ଏଠାରେ ସୂଚନା ଦିଆଯାଇପାରେ, ଆଜି ପ୍ରତ୍ୟୁଷରେ ରାଜସ୍ଥାନର ଦୌସାଠାରେ ଏକ ସଡ଼କ ଦୁର୍ଘଟଣାରେ ୧୦ଜଣଙ୍କର ପ୍ରାଣହାନି ଘଟିଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି । ଦୌସା -ମନୋହରପୁର ରାଜପଥର ବାସ୍‌ଦୀ ଚୌରାଠାରେ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଏକ ଟ୍ରକ୍ ଧକ୍କା

ଦେବାରୁ ଏହି ଦୁର୍ଘଟଣା ଘଟିଥିଲା । ମୃତକଙ୍କ ମଧ୍ୟରେ ଅଧିକାଂଶ ଉତ୍ତରପ୍ରଦେଶର ଏଟାହ ଜିଲ୍ଲାର ବାସିନ୍ଦା ଏବଂ ସେମାନେ ଶିକର ଜିଲ୍ଲାର ଖାଟୁ ଶ୍ୟାମଜୀ ମନ୍ଦିରରେ ପୂଜାର୍ଚ୍ଚନା କରି ଫେରୁଥିବା ବେଳେ ଏହି ଅଘଟଣ ଘଟିଛି ବୋଲି ଦୌସା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆହତମାନଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

## ଜୟଶଙ୍କର

କେନ୍ଦ୍ରୀୟ ଆଫ୍ରିକାର ଆଜି ସ୍ୱାଧୀନତା ଦିବସ ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ସେଠାକାର  ଜନସାଧାରଣ ଓ ବୈଦେଶିକ ମନ୍ତ୍ରୀ ସିଲଭି ବାଇପୋ ଟେମନ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛା ଜଣାଇ ଡକ୍ଟର ଜୟଶଙ୍କର କହିଛନ୍ତି, କେନ୍ଦ୍ରୀୟ ଆଫ୍ରିକୀୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ମିଳିତ ଜାତିସଂଘର ବହୁବିଧ ସମନ୍ୱିତ ସ୍ଥିରତା ମିଶନରେ ଭାରତୀୟ ଶାନ୍ତି ରକ୍ଷାକାରୀମାନେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି।